Institute of Media Studies

ESTD. 1994

# Institute of Media Studies

(Affiliated to Utkal University)
Orissa Co-operative Housing Corp. complex
Unit-III, Kharvel Nagar, Bhubajneswar-751001
Tel: 0674 – 2394312, Fax -: 0674 – 2394314
E-mail:iims_bbsar@rediffmail.com, imsodisha@gmail.com
Website: www.imsorissa.org.in

# ସାମାଜିକ ପ୍ରଗତିରେ ଯୁବ ସଂଗଠନର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର ୨୨/୯/୨୦୧୭: ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍‌ର ସମାଜ ସେବା ବିଭାଗ ଆନୁକୁଲ୍ୟରେ ଆଜି ଏହାର ସଭାଗୃହରେ "ସାମାଜିକ ପ୍ରଗତିରେ ଯୁବ ସଂଗଠନର ଭୂମିକା" ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇ ଅଛି । ଏଥିରେ ଯୋଗଦେଇ ସି. ୱାଇ.ଏସ୍.ଡି. ର ସଭାପତି ଡଃ ପ୍ରଫୁଲ୍ଲ କୁମାର ସାହୁ ସମସ୍ତ ଯୁବ ସଂଗଠନ ଗଠନ ମୂଳକ କାର୍ଯ୍ୟରେ ବ୍ରତୀ ରହିବା, ସାମାଜିକ କାର୍ଯ୍ୟରେ ଆଗ୍ରହ ପ୍ରକାଶ କରିବା, ଶାରୀରିକ ତଥା ମାନସିକ ଶକ୍ତିଶାଳୀ ହେବା ଏବଂ ନୂତନ ଚିନ୍ତାଧାରା ଦ୍ୱାରା ସାମାଜିକ କାର୍ଯ୍ୟର ବିକାଶ କରିବା ଦ୍ୱାରା ଦେଶର ସାମାଜିକ ପ୍ରଗତି ସୁନିଶ୍ଚିତ ବୋଲି ସେ କହିଥିଲେ । କେବଳ ଯୁବ ସମାଜ ଦ୍ୱାରା ଦେଶର ପ୍ରଗତି ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବସୁନ୍ଧରାର ସମ୍ପାଦକ ମାନସ ମିଶ୍ର, ୟଙ୍ଗ ଇଣ୍ଡିଆର ସଭାପତି ଏନ୍. ଏ. ସାହା ଅନସାରୀ ଏବଂ ଜାଗୃତି ର ସଂପାଦକ କୈଳାସ ଦଣ୍ଡପାଟ ପ୍ରମୁଖ ଉକ୍ତ ଆଲୋଚନାଚକ୍ରରେ ଯୋଗ ଦେଇ ସାମାଜିକ ପ୍ରଗତି ଦିଗରେ ଯୁବସମାଜ ପ୍ରତି ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ ।

ଇନିଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ଅତିଥି ପରିଚୟ ପ୍ରଦାନ ସହିତ ଆଲୋଚନା ଚକ୍ରର ପରିଚାଳନା କରିଥିଲେ ଏବଂ ଅଧ୍ୟାପିକ ଡଃ ଗାୟାତ୍ରୀ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଉକ୍ତ ଆଲୋଚନାଚକ୍ରରେ ଅନୁଷ୍ଠାନର ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।